# Evacuation of Indians and Afghans under ‘Operation Devi Shakti’ and shipment of humanitarian assistance for the people of Afghanistan

December 11, 2021

**‘ଅପରେସନ ଦେବୀ ଶକ୍ତି’ ଅଧୀନରେ ଭାରତୀୟ ଓ ଆଫଗାନିସ୍ତାନ ନାଗରିକଙ୍କ ସ୍ଥାନାନ୍ତର ଏବଂ ଆଫଗାନିସ୍ତାନର ଲୋକଙ୍କ ପାଇଁ ମାନବିକ ସହାୟତା ପ୍ରଦାନ**

**ଡିସେମ୍ବର 11, 2021**

ଭାରତ ସରକାରଙ୍କ ନିର୍ଦ୍ଦେଶକ୍ରମେ କାବୁଲରୁ ନୂଆଦିଲ୍ଲୀକୁ ଏକ ସ୍ୱତନ୍ତ୍ର ବିମାନ ଡିସେମ୍ବର 10 ରେ ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିଥିଲା। ଏହି ବିମାନରେ ଆଫଗାନିସ୍ତାନ ସଂଖ୍ୟାଲଘୁ ସମୁଦାୟର ସଦସ୍ୟଙ୍କ ସମେତ 10 ଜଣ ଭାରତୀୟ ଏବଂ 94 ଜଣ ଆଫଗାନିସ୍ତାନ ନାଗରିକ ଆସିଥିଲେ। ଏହି ସଂଖ୍ୟାଲଘୁ ସମୁଦାୟର ସଦସ୍ୟମାନେ ନିଜ ସାଙ୍ଗରେ ଗୁରୁ ଗ୍ରନ୍ଥ ସାହିବଙ୍କ 2 ଟି ସ୍ୱରୂପ ଓ କିଛି ପ୍ରାଚୀନ ହିନ୍ଦୁ ପାଣ୍ଡୁଲିପି ଆଣିଥିଲେ।

2. "ଅପରେସନ ଦେବୀ ଶକ୍ତି" ଅଧୀନରେ ସମୁଦାୟ 669 ଜଣଙ୍କୁ ଆଫଗାନିସ୍ତାନରୁ ସ୍ଥାନାନ୍ତର କରାଯାଇଛି। ଏଥିରେ ଆଫଗାନିସ୍ତାନ ହିନ୍ଦୁ/ଶିଖ ସଂଖ୍ୟାଲଘୁ ସମୁଦାୟର ସଦସ୍ୟଙ୍କ ସମେତ 448 ଜଣ ଭାରତୀୟ ଓ 206 ଜଣ ଆଫଗାନିସ୍ତାନ ନାଗରିକ ଅଛନ୍ତି। ଅଗଷ୍ଟ 2021 ରେ 438 ଭାରତୀୟଙ୍କ ସମେତ 565 ଜଣଙ୍କୁ ଆଫଗାନିସ୍ତାନରୁ ସ୍ଥାନାନ୍ତର କରାଯାଇଥିଲା।

3. ଆଫଗାନିସ୍ତାନରେ ଆହ୍ୱାନମୂଳକ ମାନବିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ମାନବିକ ସହାୟତା ପାଇଁ ଭାରତ ସରକାର ଆଜି ପ୍ରତ୍ୟାବର୍ତ୍ତନ କରୁଥିବା ବିମାନରେ ଔଷଧୀୟ ସାମଗ୍ରୀ ପଠାଇଛନ୍ତି। ଏହି ଔଷଧଗୁଡିକ କାବୁଲରେ ଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର (ଡବ୍ଲୁଏଚଓ) ପ୍ରତିନିଧୀଙ୍କୁ ହସ୍ତାନ୍ତର କରାଯିବ ଏବଂ କାବୁଲର ଇନ୍ଦିରା ଗାନ୍ଧୀ ଶିଶୁ ଡାକ୍ତରଖାନାରେ ଦିଆଯିବ।

**ନୂଆଦିଲ୍ଲୀ**

**ଡିସେମ୍ବର 11, 2021**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.